# Akashvani, Sambalpur

## SAMBALPURI NEWS BULLETIN

### 30 January 2026 – 6.47- 6.52 am.

***********************************************

ଅର୍ଥନୈତିକ ସର୍ଭେକ୍ଷଣ୍        ଏକ୍ସ

କେନ୍ଦ୍ର ସର୍କାର୍‌ଙ୍କର୍ ଅର୍ଥନୈତିକ ସର୍ବେକ୍ଷଣ୍ ରିପୋର୍ଟ ୨୦୨୫-୨୬ ଥି ଓଡ଼ିଶା ସାମଗ୍ରିକ୍ ଆଉ ସ୍ଥାୟୀ ବିକାଶ୍ ଦିଗେ ନିରନ୍ତର୍ ଭାବେ ଆଗ୍‌କେ ବଢୁଛେ ବଲି ଦର୍ଶାଯାଇଛେ । ଇଟାକେ ନେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସାମାଜିକ୍ ଗଣମାଧ୍ୟମ୍‌ଥି ଖୁସି ବ୍ୟକ୍ତ କରିଛନ୍ । ସେ କହିଛନ୍, ଚଲ୍‌ତି ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟ ରାଜ୍ୟର୍ ପ୍ରଗତିକେ ଦର୍ଶଉଛେ । ଇଥି ଓଡ଼ିଶାର୍ ଅଭିବୃଦ୍ଧି ହାର ୧୩ ଦଶ୍‌ମିକ୍ ୪ ପ୍ରତିଶତ୍ ଆଉ ମୁଣ୍ଡପିଛା ଆୟ ୧୨ ଦଶ୍‌ମିକ୍ ୩/୩ ପ୍ରତିଶତ୍ ବଢ଼ିଛେ ବଲି କୁହାଯାଇଛେ । ସେନ୍ତା ସୂର୍ଯ୍ୟମୁଖୀ ଉତ୍ପାଦନ୍‌ଥି ଦେଶର୍ ଶ୍ରେଷ୍ଠ ୩ ଟା ରାଜ୍ୟ ଭିତ୍‌ରେ ଓଡ଼ିଶା ଠାନ୍ ପାଇଛେ ବଲି ସର୍ବେକ୍ଷଣ୍ ରିପୋର୍ଟ‌ଥି ଦର୍ଶାଯାଇଛେ । ଇସବୁ ତଥ୍ୟ ରାଏଜେ ଲୁକ୍‌କର୍ କମାନି ବଢ୍‌ବାର୍ ସହେତେ ଜୀବନ୍ ଧାରଣ୍‌ର ମାନ ଉନ୍ନତ ହେଇଥିବା ସୂଚ୍‌ନା ଦଉଛେ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ମୁଖ୍ୟମନ୍ତ୍ରୀ-ବିଶ୍ୱବେଙ୍କ୍ ପ୍ରେସିଡେଂଟ୍      ଏକ୍ସ

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଗଲାକାଏଲ୍ ଭୁବନେଶ୍ୱର୍ ଲୋକ୍‌ସେବା ଭବନ୍ ନ ବିଶ୍ୱବେଙ୍କ୍‌ର ଗ୍ରୁପ୍ ପେସିଡେଂଟ୍ ଅଜୟ ବଗା ଭେଟିକରି ଭିନ୍ ଭିନ୍ ବିଷେଥି ଆଲୋଚନା କରିଛନ୍ । ଖାସ୍ କରି ରାଜ୍ୟର୍ ପ୍ରମୁଖ ବିକାଶ୍ କ୍ଷେତ୍ରଥି ସହଯୋଗ୍‌କେ ବର୍‌କସ୍ କର୍‌ବାର୍ ସହେତେ ରାଜ୍ୟର୍ ଦୀର୍ଘକାଲୀନ୍ ଅଭିବୃଦ୍ଧି ଆଉ ସଂସ୍କାର୍‌କେ ଆଗ୍‌କେ ବଢ଼ାବାର୍ ଉପ୍‌ରେ ଆଲୋଚନା କରାଯାଇଥିଲା । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ରାଜ୍ୟ ସର୍‌କାର୍ ଆଏବା ଦିନେ ଭିତିଭୂମିକେ ବର୍‌କସ୍ କର୍‌ବାର୍ ଲାଗି ଆହୁରି ପାଣ୍ଠି ବିନିଯୋଗ୍ କର୍‌ବେ । ଇତାର୍‌ସହେତେ କୃଷି ଆଉ ତାର୍ ଆନୁସଙ୍ଗିକ କ୍ଷେତ୍ର, ଏମ୍‌ଏମ୍‌ଏମ୍‌ଇ ଆଉ ପର୍ଯ୍ୟଟନ୍ ବାଗିର୍ କ୍ଷେତ୍ରଥି ପୁଞ୍ଜି ବିନିଯୋଗ୍ କରିକରି ନିଯୁକ୍ତି ସୁଯୋଗ୍ ସୃଷ୍ଟି କରାଯିବା । ଶିଳ୍ପକେ ଆକୃଷ୍ଟ କର୍‌ବାର୍ ସହେତେ ଅଏତ୍‌କା ପୁଞ୍ଜିନିବେଶ୍ ଲାଗି ଶିଳ୍ପ ଅନୁକୂଳ ବାତାବରଣ୍ ତିଆର୍ କରୁଛନ୍ । ଇଥିର୍‌ଲାଗି ୨୦୨୫ ଡିସେମ୍ବର୍ ମାସ୍‌ତକ୍ ରାଏଜେ ୨ ଦଶ୍‌ମିକ୍ ୫ ଲାଖ୍ କୋଟି ଟଙ୍କାର୍ ପୁଞ୍ଜି ବିନିଯୋଗ୍ ଲାଗି ବାଟ୍ ଫିଟିଛେ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ଶହୀଦ୍ ଦିବସ୍/ ମହାତ୍ମାଗାନ୍ଧୀ ତିରୋଧାନ୍/ଆର୍‌ଏନ୍‌ୟୁ ସମ୍ବଲପୁର୍

ଜାତିର ପିତା ମହାତ୍ମାଗାନ୍ଧୀଙ୍କର୍ ଆଏଜ୍ ୭୮ ନମ୍ବର୍ ତିରୋଧାନ୍ ଦିବସ୍ । ଦେଶେ ଆଝିର୍ ଦିନ୍‌କେ ସହୀଦ୍ ଦିବସ୍ ଭାବେ ଭିଲ୍ ପାଲନ୍ କରାଯାଏସି । ଜାତିର ପିତା ଗାନ୍ଧୀଜୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବାର୍ ଲାଗି ଭିନ୍ ଭିନ୍ ଜାଗା ନ କାର୍ଯ୍ୟକ୍ରମ୍ ମାନ୍ ମୁଲ୍ ହେଇଛେ । ୧୯୪୮ ମସିହା ଆଝିର୍ ଦିନେ ଗାନ୍ଧୀଜୀ ସହୀଦ୍ ହେଇଥିଲେ । ଆଝିର୍ ଦିନ୍‌କେ ସର୍ବୋଦୟ ଦିବସ୍ ଭାବେ ଭିଲ୍ ପାଲନ୍ କରାଯାଏସି ।

ମହାତ୍ମାଗାନ୍ଧୀଙ୍କର ତିରୋଧାନ୍ ଦିବସ୍ ଅବ୍‌ସରେ ବିଧାନ୍‌ସଭା ପରିସର୍ ନ ଆଏଜ୍ ସଖାଲ୍‌ବେଲା ରାଜ୍ୟସ୍ତରୀୟ ଶହୀଦ୍ ଦିବସ୍ ପାଲନ୍ କରାଯିବା । କାର୍ଯ୍ୟକ୍ରମ୍‌ଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ସହେତେ ମନ୍ତ୍ରୀ ମଣ୍ଡଲ୍‌ର ସଦସ୍ୟ, ସାଂସଦ୍ ଆଉ ବିଧାୟକ୍‌ମାନେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ସୁପ୍ରିମ୍‌କୋର୍ଟ - ଡିଜିଟାଲ୍ ବ୍ୟବସ୍ଥା ଆର୍‌ଏନ୍‌ୟୁ/ ସମ୍ବଲପୁର

ନ୍ୟାୟପାଲିକାଥି କାର୍ଯ୍ୟଦକ୍ଷତା ବଢ଼ାବାର୍ ଆଉ ବିଚାରାଧୀନ୍ ମାମ୍‌ଲା କମ୍ କର୍‌ବାର୍ ଲାଗି ସୁପ୍ରିମ୍‌କୋର୍ଟ ପ୍ରଧାନ୍ ବିଚାର୍‌ପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଗଲାକାଏଲ୍ ଭିନ୍ ଭିନ୍ ହାଇକୋର୍ଟ ସହେତେ ଗୁଟେ

ଡିଜିଟାଲ୍ ସହଭାଗିତାର୍ ଶୁଭାରମ୍ଭ କରିଛନ୍ । ଇ ବ୍ୟବସ୍ଥା ଅନ୍‌ସାରେ ଟ୍ରାଏଲ୍ କୋର୍ଟ ଆଦେଶ୍ ଆଉ ହାଇକୋର୍ଟର ନିର୍ଦ୍ଦେଶ୍‌ମାନ୍‌କୁ ଡିଜିଟାଲ୍ ମାଧ୍ୟମ୍‌ଥି ଅପ୍‌ଡେଟ୍ କରାଯିବା ।

ନୀଳ ଆଉ ସବୁଜ ଅର୍ଥନୀତି କର୍ମଶାଳା I & PR

ରାଏଜେ ନୀଳ ଆଉ ସବୁଜ ଅର୍ଥନୀତି କ୍ଷେତ୍ରର୍ ସୁଯୋଗ୍‌ର ଉପକାରିତା ବଢ଼ାବାର୍ ଲକ୍ଷ୍ୟଥି ଭୁବ୍‌ନେଶ୍ୱର୍ ନ ଗଲାକାଏଲ୍ ଗୁଟେ  କର୍ମଶାଳା ମୁଲ୍ ହେଇଛେ । ରାଜ୍ୟ ଯୋଜନା ଆଉ ସଂଯୋଜନ ବିଭାଗ୍ ସମନ୍ୱିତ ବିକାଶ୍ ଲକ୍ଷ୍ୟ ଶାଖା ତର୍‌ଫୁ ହେଇଥିବା ୨ ଦିନିଆ କର୍ମଶାଳାକେ ରାଜ୍ୟ ଉନ୍ନୟନ୍ କମିଶନର୍ ଆଉ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଦେଓରଞ୍ଜନ୍ କୁମାର୍ ସିଂ ଉଦ୍‌ଘାଟନ୍ କରିଛନ୍ । ରାଏଜେ ନୀଳ ଆଉ ସବୁଜ ଅର୍ଥନୀତି କ୍ଷେତ୍ରର୍ ସମ୍ଭାବନାକେ ବୁଝିକରି ରାଜ୍ୟର୍ ଆର୍ଥିକ୍ ଅଭିବୃଦ୍ଧି ଦିଗେ ଇତାର୍ ବିନିଯୋଗ୍ କର୍‌ବାର୍ ଲାଗି ଶ୍ରୀ ସିଂ ଅଂଶୀଦାର୍‌ମାନ୍‌କୁ ପରାମର୍ଶ ଦେଇଛନ୍ । ବିକଶିତ ଓଡ଼ିଶା ୨୦୩୬ ଲକ୍ଷ୍ୟ ହାସଲ୍ କର୍‌ବାର୍ ଦିଗେ ଇ କର୍ମଶାଳା ସହାୟକ ହେବା ବଲି ସେ କହିଛନ୍ ।

ବାଣୀଶ୍ରୀ ଛାତ୍ରବୃତି ଯୋଜ୍‌ନା I & PR

ରାଜ୍ୟ ସାମାଜିକ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ତର୍ଫୁ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କର୍ ଲାଗି ମୁଲ୍ କରାଯାଇଥିବା ବାଣୀଶ୍ରୀ ଛାତ୍ରବୃତି ଯୋଜ୍ନା ଲାଗି ଅନ୍‌ଲାଇନ୍ ଆବେଦନ୍ ପ୍ରକ୍ରିୟା ଜାରି ରହିଛେ । ଗଲା ଡିସେମ୍ବର୍ ୧ ତାରିଖ୍‌ନୁ ମୁଲ୍ ହେଇଥିବା ଇ ପ୍ରକ୍ରିୟା ଫେବୃଆରୀ ୧୫ ତାରିଖ୍‌ତକ୍ ଚାଲ୍‌ବା । ଯୋଜ୍ନାଥି ଦିବ୍ୟାଙ୍ଗ ପ୍ରମାଣ୍‌ପତ୍ର ଥିବା ଛାତ୍ରଛାତ୍ରୀମାନ୍‌କୁ ଭିନ୍ ଭିନ୍ ବର୍ଗଥି ଆର୍ଥିକ୍ ସାହାଜ୍ ଯୁଗେଇ ଦିଆଯାଏସି ।

ନିଶାଦରବ୍ ବିକ୍ରି  କଟକନା          ଆର୍‌ଏନ୍‌ୟୁ/ ସମ୍ବଲପୁର

ଶିକ୍ଷାନୁଷ୍ଠାନ୍‌ମାନ୍‌କର୍ ଆଖେପାଖେ ନିଶାଦରବ୍ ବିକ୍ରି ଉପ୍‌ରେ କଡ଼ା କଟ୍‌କନା ଲଗାଯିବା ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ମନ୍ତ୍ରୀ ଶ୍ରୀ ମହାଲିଙ୍ଗ୍ କହିଛନ୍, ରାଏଜେ ଗୁଟ୍‌କା, ତମାଖୁ ବେନ୍ କର୍‌ବାର୍ ଲାଗି ସର୍‌କାର୍ ପଦକ୍ଷେପ୍ ନେଉଛେନ୍ଃ ପହେଲା ଖେପେ ଇଥିର୍‌ଲାଗି ଲୁକ୍‌କୁ ସଚେତନ୍ କରାଯିବା । ତାର୍ ଉତ୍‌ରୁ ଜିଲ୍ଲାସ୍ତର୍ ନ ଏନ୍‌ଫୋର୍ସମେଂଟ୍ ଦଲ୍ ଗଠନ୍ କରାଯିବା ବଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ ।

ସ୍ୱାସ୍ଥ୍ୟ, ପୋଷଣ ସମୀକ୍ଷା ବୈଠକ୍        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଲ୍‌ଙ୍କର ସମ୍ମିଳନୀ କକ୍ଷ ନ ଗଲାକାଏଲ୍ ଜିଲ୍ଲାପାଲ୍ ମଧୁସୂଦନ୍ ଦାଶଙ୍କର ଅଧ୍ୟକ୍ଷତାଥି ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ଆଉ ପୋଷଣ ସମୀକ୍ଷା ବୈଠକ୍ ହେଇଯାଇଛେ । ଇ ଅବ୍‌ସରେ ଜିଲ୍ଲାପାଲ୍ ଜିଲ୍ଲା ନ ଚାଲିଥିବା ଭିନ୍ ଭିନ୍ ଯୋଜ୍‌ନାମାନ୍‌କର ବାବ୍‌ଦେ ଆଲୋଚନା କରିଥିଲେ ।

ରେଡ଼କ୍ରସ୍‌ର ତାଲିମ୍ ଶିବିର ନୂଆପଡ଼ା

ନୂଆପଡ଼ା ଜିଲ୍ଲା ସର୍‌କାରୀ ବାଳିକା ଉଚ୍ଚବିଦ୍ୟାଳୟ ନ ଜୁନିଅର୍ ରେଡ଼କ୍ରସ୍‌ର ତାଲିମ୍ ଶିବିର୍ ଉଦ୍‌ଘାଟିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଶିବିର୍‌କେ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ଗୁଟେ ରକ୍ତଦାନ୍ ଶିବିର୍ ଭିଲ୍ ଆୟୋଜନ୍ କରାଯାଇଥିଲା । ଶିବିର୍‌ଥି ୧୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମାଝଡ଼ ପ୍ରଭାବ୍‌ଥି ରାଜ୍ୟର୍ ବଡ଼ଭାଗୀ ଜାଗା ନ ଶୀତ୍‌ର ପ୍ରଭାବ୍ ସାମାଏନ୍ କମିଛେ । ଆଏବା ହପ୍ତେତକ୍ ପାଗ୍ ଏନ୍ତା ରହେବା ବଲି

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ପୁରୀ, କେନ୍ଦ୍ରାପଡ଼ା ଆଉ ଜଗତ୍‌ସିଂହପୁର୍ ଜିଲ୍ଲାନ ବହଲିଆ କୁହୁଡ଼ି ହେବା ବଲି ପାଣିପାଗି କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ ।